# NATIONAL NEWS BULLETIN (ODIA)

## 6 November - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଗୁଣାତ୍ମକ ଉଚ୍ଚଶିକ୍ଷା ପ୍ରଦାନ କରିବା ସହ ଆର୍ଥିକ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜନାକୁ ମିଳିଲା କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ।
- ପ୍ରକୃତି ସହିତ ସମନ୍ୱୟ ରକ୍ଷା କରି ବିକାଶ କରିବା ଦିଗରେ ପ୍ରୟାସ ଜାରି ରଖିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଭାରତ-ଆମେରିକା ସମେତ ବିଶ୍ୱର କଲ୍ୟାଣ ଲାଗି ମିଳିତ ଭାବେ ପ୍ରୟାସ କରିବା ନିମନ୍ତେ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଥିବା ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ ।
- ଉତ୍ତରପ୍ରଦେଶରେ ଏକ ସଡ଼କ ଦୁର୍ଘଟଣାରେ ୬ ଜଣ ମହିଳା ଓ ୩ ଶିଶୁଙ୍କ ସମେତ ୧୦ ଜଣଙ୍କର ମୃତ୍ୟୁ ।

ଏବଂ

- ଭାରତର ୫୫ ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ ଗୋଆରେ ।

## କ୍ୟାବିନେଟ୍-ଡିସିସନ୍-ବିଦ୍ୟାଲକ୍ଷ୍ମୀ

ଗୁଣାତ୍ମକ ଉଚ୍ଚଶିକ୍ଷା ପ୍ରଦାନ କରିବା ସହ ଆର୍ଥିକ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଆଜି ଏ ନେଇ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ କହିଛନ୍ତି । ଆଜିକାର କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଯୋଜନା ମାଧ୍ୟମରେ ଉଚ୍ଚଶିକ୍ଷା ଲାଗି ଏଣିକି ଛାତ୍ରଛାତ୍ରୀମାନେ ବନ୍ଧକମୁକ୍ତ ତଥା ଗ୍ୟାରେଣ୍ଟିର ମୁକ୍ତ ଋଣର ସୁବିଧା ପାଇପାରିବେ । ଆର୍ଥିକ ପ୍ରତିବନ୍ଧକ ଲାଗି ଯେଭଳି କୌଣସି ଯୁବ ଶିକ୍ଷାର୍ଥୀ ଗୁଣାତ୍ମକ ତଥା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବା ଲାଗି ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଯୋଜନାରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସାଢ଼େ ସାତ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ । ସେଥିରୁ ୭୫ ପ୍ରତିଶତ ଅର୍ଥର ଗ୍ୟାରେଣ୍ଟି ସରକାର ପ୍ରଦାନ କରିବେ । ଏହି ଯୋଜନା ମାଧ୍ୟମରେ ପ୍ରାୟ ୨୨ ଲକ୍ଷ ଶିକ୍ଷାର୍ଥୀ ଲାଭବାନ ହେବେ ବୋଲି ଆଶା କରାଯାଉଛି ।

ଏହି ଯୋଜନାର ସୁବିଧା ପାଇବା ଲାଗି ଛାତ୍ରଛାତ୍ରୀମାନେ ପି.ଏମ୍. ବିଦ୍ୟାଲକ୍ଷ୍ମୀ ଏକକ ପୋର୍ଟାଲ୍ ମାଧ୍ୟମରେ ଉଚ୍ଚଶିକ୍ଷା ଲାଗି ଋଣ ନିମନ୍ତେ ଆବେଦନ କରିପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ପ୍ରଧାନ-ପିଏମ୍ ବିଦ୍ୟାଲକ୍ଷ୍ମୀ

ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିବା ଅବସରରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ୩ ହଜାର ୬୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ଯୋଜନା ଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର ହେବା ସହିତ ଯୁବବର୍ଗ ନିଜ ସ୍ୱପ୍ନ ସାକାର କରିବାରେ ସକ୍ଷମ ହୋଇପାରିବେ । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ପୋଷ୍ଟ କରି ଶ୍ରୀ ପ୍ରଧାନ ଏହି ବନ୍ଧକମୁକ୍ତ ତଥା ଗ୍ୟାରେଣ୍ଟିର ମୁକ୍ତ ଶିକ୍ଷା ଋଣ ଯୋଜନା ଉପରେ ଆଲୋକପାତ କରି କହିଛନ୍ତି, ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜନା ମାଧ୍ୟମରେ ମେଧାବି ଛାତ୍ରଛାତ୍ରୀମାନେ ଉଚ୍ଚ ଗୁଣାତ୍ମକ ଶିକ୍ଷା ପାଇବାର ପଥ ସୁଗମ ହୋଇପାରିବ । ଦେଶର ପ୍ରତିଭାଶାଳୀ ଯୁବବର୍ଗଙ୍କୁ ଏକବିଂଶ ଶତାବ୍ଦୀରେ ଉଚ୍ଚଶିକ୍ଷା ଉପଲବ୍ଧ କରାଇବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶ୍ରୁତିବଦ୍ଧତା ଏହାଦ୍ୱାରା ପ୍ରତିଫଳିତ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଯୋଜନା ଦ୍ୱାରା ପ୍ରତିବର୍ଷ ୨୨ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ । ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କରାଯାଇ

ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ପରିବାରର ଛାତ୍ରଛାତ୍ରୀଙ୍କୁ ସଶକ୍ତ କରାଇବା ଦିଗରେ ଏହି ଯୋଜନା ଆଉ ଏକ ପଦକ୍ଷେପ ବୋଲି ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## କ୍ୟାବିନେଟ୍-ଏଫ୍‌ସିଆଇ

ଭାରତର ଖାଦ୍ୟ ନିଗମ ଏଫ୍.ସି.ଆଇ.ରେ ୧୦ ହଜାର ୭୦୦ କୋଟି ଟଙ୍କାର ନୂତନ ଇକ୍ୱ୍ୟିଟି ଅନ୍ତର୍ଭୁକ୍ତ କରିବାକୁ  କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଆଜି ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶରେ ସର୍ବନିମ୍ନ ସହାୟକ ମୂଲ୍ୟରେ ଖାଦ୍ୟଶସ୍ୟ ସଂଗ୍ରହ କରିବା ସହିତ ଏହାର ଦରକୁ ବଜାରରେ ସ୍ଥିର ରଖିବା ଦିଗରେ ଏଫ୍.ସି.ଆଇ. ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ତେଣୁ ଏହି ନିଗମକୁ ଅଧିକ ସଶକ୍ତ କରିବା ଲାଗି କ୍ୟାବିନେଟ୍ ନିଷ୍ପତ୍ତି ନେଇଛି । ଏହାଛଡ଼ା ଏଫ୍.ସି.ଆଇ.ର କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ଏହି ଇକ୍ୱ୍ୟିଟି ଅନ୍ତର୍ଭୁକ୍ତ କରିବା ଦ୍ୱାରା ଋଣହାର ହ୍ରାସ କରାଯିବା ସହ ସରକାରଙ୍କ ଉପରେ ରିହାତି ବୋଝ ମଧ୍ୟ କମିପାରିବ ।

## ପ୍ରେଜ୍‌-ଛଟ୍‌ପୂଜା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛଟ୍‌ ପୂଜା ଅବସରରେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏ ସମ୍ପର୍କରେ ଏକ ବାର୍ତ୍ତା ଦେଇ ରାଷ୍ଟ୍ରପତି କହିଛନ୍ତି, ଛଟ୍‌ ପୂଜା ଅବସରରେ ସୂର୍ଯ୍ୟ ଦେବତାଙ୍କୁ ପୂଜା କରାଯାଇଥାଏ ଏବଂ ଏହା ଦେଶର ବହୁ ପୁରାତନ ଉତ୍ସବଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହି ଉତ୍ସବ ମାଧ୍ୟମରେ ଉପବାସ ଦ୍ୱାରା ମନ ଏବଂ ଆତ୍ମାକୁ  ପବିତ୍ର କରିବାର ସୁଯୋଗ ମିଳିଥାଏ । ଏତଦ୍‌ବ୍ୟତୀତ ପରିବେଶକୁ ସୁରକ୍ଷା କରିବା ଦିଗରେ ମଧ୍ୟ ଏହି ଉତ୍ସବ ଜନସାଧାରଣଙ୍କୁ ପ୍ରେରଣା ଦେଇଥାଏ ବୋଲି ସେ କହିଛନ୍ତି । ଏହି ଉତ୍ସବ ଜନସାଧାରଣଙ୍କ ଜୀବନରେ ଖୁସି ଭରିଦେବା ସହିତ ପ୍ରକୃତି ସହ ସମନ୍ୱୟ ରକ୍ଷା କରି ବିକାଶ କରିବା ଦିଗରେ ଏହା ସହାୟକ ହେବ । ଏ ଦିଗରେ ପ୍ରୟାସ ଜାରୀ ରଖିବା ଲାଗି ରାଷ୍ଟ୍ରପତି ଜନସାଦାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

## ୟୁଏସ୍‌ ପ୍ରେଜ୍‌-ରେଜଲ୍ଟ

୨୦୨୪ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍‌ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍‌ ଡେମୋକ୍ରାଟ୍‌ ପ୍ରାର୍ଥୀ କମଳା ହାରିସ୍‌ଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି । ଏହି ପ୍ରତିଦ୍ୱନ୍ଦ୍ୱୀତାରେ ଶ୍ରୀ ଟ୍ରମ୍ପ୍‌ ପେନ୍‌ସିଲ୍‌ଭାନିଆ, ଉତ୍ତର କ୍ୟାରୋଲିନା ଏବଂ ଜର୍ଜିଆରେ ବିପୁଳ ଭୋଟ୍‌

ପାଇବା ସହ ୨୭୭ଟି ଭୋଟ୍ ହାସଲ କରିବାରେ ସକ୍ଷମ ହୋଇଛନ୍ତି । ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ଜିତିବା ଲାଗି ପ୍ରାର୍ଥୀଙ୍କୁ ୨୭୦ଟି ଭୋଟ୍ ଆବଶ୍ୟକ ପଡ଼ିଥାଏ । ଏଥିସହିତ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟଥର ଲାଗି ତଥା ଯୁକ୍ତରାଷ୍ଟ୍ର ଆମେରିକାର ୪୭ତମ ରାଷ୍ଟ୍ରପତି ଦାୟିତ୍ୱ ନେବାକୁ ଯାଉଛନ୍ତି । ଏହି ଅବସରରେ ଫ୍ଲୋରିଡ଼ାର ପାମ୍ ବିଚ୍ ଠାରେ ନିଜ ସମର୍ଥକଙ୍କୁ ଶ୍ରୀ ଟ୍ରମ୍ପ୍ ସମ୍ବୋଧନ କରିଛନ୍ତି ।

ଅନ୍ୟ ପକ୍ଷରେ କମଳା ହାରିସ୍ ନ୍ୟୁ-ହାମ୍ପସାୟାର୍, ଭିର୍ଜିନିଆ, ନେବ୍ରାସ୍କାରେ ବିଜୟ ହେବା ସତ୍ତ୍ୱେ ଟ୍ରମ୍ପ୍‌ଙ୍କର ପ୍ରାଧାନ୍ୟ ଥିବା ମିଚିଗାନ୍, ୱିସ୍‌କନ୍‌ସିନ୍, ପେନ୍‌ସିଲ୍‌ଭାନିଆରେ ଭଲ ପ୍ରଦର୍ଶନ କରିପାରିନାହାନ୍ତି ।

## ପିଏମ୍-ଟ୍ରମ୍ପ୍

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଥିବାରୁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଶ୍ରୀ ଟ୍ରମ୍ପ୍ ତାଙ୍କର ପୂର୍ବ କାର୍ଯ୍ୟକାଳ ସମୟରେ ଅନେକ ସଫଳତା ହାସଲ କରିଛନ୍ତି । ଏଥିସହିତ ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ସମନ୍ୱିତ ବିଶ୍ୱ ଏବଂ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଶ୍ରୀ ଟ୍ରମ୍ପ୍ କାର୍ଯ୍ୟ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଏତଦ୍‌ବ୍ୟତୀତ ବିଶ୍ୱରେ ଶାନ୍ତି,

ସ୍ଥିରତା ଓ ସମୃଦ୍ଧି ବଜାୟ ରଖିବା ସହିତ ଉଭୟ ଦେଶର ଜନସାଧାରଣଙ୍କ କଲ୍ୟାଣ ଲାଗି ମିଳିତ ଭାବେ ପ୍ରୟାସ କରିବା ନିମନ୍ତେ ଶ୍ରୀ ମୋଦୀ ଯୁକ୍ତରାଷ୍ଟ୍ର ଆମେରିକାର ନୂତନ ରାଷ୍ଟ୍ରପତିଙ୍କୁ ଆହ୍ୱାନ ଦେଇଛନ୍ତି ।

## ରାଜସ୍ଥାନ-ବାଇ ଇଲେକ୍‌ସନ୍

ରାଜସ୍ଥାନରେ ୭ଟି ବିଧାନସଭା ଆସନ ଲାଗି ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଉପ-ନିର୍ବାଚନ ନିମନ୍ତେ ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ଏହି ୭ଟି ଆସନ ମଧ୍ୟରୁ ଦୌଶା, ଦେଓଲି-ଉନିଆରା, ଝୁନ୍‌ଝୁନୁ, ଚୌରାଶି ଏବଂ ଖିନ୍‌ଭିସାର୍ ଆସନରୁ ନିର୍ବାଚିତ ହୋଇଥିବା ବିଧାୟକମାନେ ଗତ ସାଧାରଣ ନିର୍ବାଚନରେ ସାଂସଦ ଭାବେ ନିର୍ବାଚିତ ହୋଇଥିବାରୁ ଏଗୁଡ଼ିକ ଖାଲି ପଡ଼ିଛି । ତେବେ ସାଲୁମ୍ବର ଓ ରାମଗଡ଼ ଆସନରୁ ନିର୍ବାଚିତ ବିଧାୟକମାନଙ୍କର ମୃତ୍ୟୁ ହେବା ଯୋଗୁଁ ଏହି ଦୁଇଟି ଆସନ ଖାଲି ହୋଇଥିଲା । ଏହି ଉପନିର୍ବାଚନରେ ମୋଟ୍ ୬୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ବିଜେପି ଓ କଂଗ୍ରେସ ପକ୍ଷରୁ ସମସ୍ତ ୭ଟି ଯାକ ଆସନରେ ପ୍ରାର୍ଥୀ ଦିଆଯାଇଛି । ଏହି ଅବସରରେ ଆଜି ବିଜେପି ପକ୍ଷରୁ ବରିଷ୍ଠ ନେତା ତଥା ଉପମୁଖ୍ୟମନ୍ତ୍ରୀ ଦିୟା କୁମାରୀ ଓ ସତୀଶ ପୁନିଆଙ୍କ ସମେତ ୧୭ ଜଣ ନେତା ବିଭିନ୍ନ ସ୍ଥାନରେ ଜନସମାବେଶ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ସେହିଭଳି କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ସଚିନ୍ ପାଇଲଟ ବିରୋଧୀ ଦଳ ନେତା ଟିକାରାମ ଜୁଲିଙ୍କ ସମେତ ଅନ୍ୟ ବରିଷ୍ଠ ନେତୃବୃନ୍ଦ ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି । ଅନ୍ୟ ପକ୍ଷରେ ଏହି ଉପନିର୍ବାଚନ ପରିପ୍ରେକ୍ଷୀରେ ଦୌଶା ଆସନ ଲାଗି ଘରୁ ଭୋଟ୍ ଦେବାର ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ଅନ୍ୟ ୬ଟି ଆସନ ଲାଗି ଏହି ପ୍ରକ୍ରିୟା ଆସନ୍ତା ସୋମବାର ଠାରୁ ଆରମ୍ଭ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଏସ୍‌ଏଲ୍-ଇଲେକ୍‌ସନ୍

ଶ୍ରୀଲଙ୍କାରେ ଆସନ୍ତା ୧୪ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ଲାଗି ପ୍ରସ୍ତୁତି ଜାରି ରହିଛି ବୋଲି ନିର୍ବାଚନ ଆୟୋଗ ଜେନେରାଲ୍ ସମନଶ୍ରୀ ରତ୍ନାୟେକେ କହିଛନ୍ତି । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀଲଙ୍କାର ନିର୍ବାଚନ ଆୟୋଗ କହିଛନ୍ତି, ନିର୍ବାଚନକୁ ଶାନ୍ତିଶୃଙ୍ଖଳା ତଥା ଅବାଧ ଓ ନିରପେକ୍ଷ ସହ ସମ୍ପନ୍ନ କରିବା ଲାଗି ସମସ୍ତ ଅଧିକାରୀ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି । ଆସନ୍ତା ୧୪ ତାରିଖ ଦିନ ଦେଶବ୍ୟାପି ମୋଟ୍ ୧୩ ହଜାର ୪୨୧ଟି ମତଦାନ କେନ୍ଦ୍ରରେ ୧୭ଲକ୍ଷ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିବେ । ନିର୍ବାଚନ ପ୍ରସ୍ତୁତି ସଂକ୍ରାନ୍ତରେ ସମୀକ୍ଷା କରିବା ଲାଗି ଆଜି କଲମ୍ବୋ ଠାରେ ବିଭିନ୍ନ ଜିଲ୍ଲାର ରିଟର୍ଣ୍ଣିଂ ଅଫିସର୍ ଓ ସହ ନିର୍ବାଚନ

ଆୟୋଗଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ବୋଲି ଶ୍ରୀ ରତ୍ନାୟେକେ କହିଛନ୍ତି । ରାଷ୍ଟ୍ରପତି ଅନୁରା କୁମାର ଦିଶା ନାୟେକେ ଗତ ସପ୍ଟେମ୍ବର ମାସରେ କାର୍ଯ୍ୟଭାର ସମ୍ଭାଳିବା ପରେ ୨୨୫ ସଦସ୍ୟ ବିଶିଷ୍ଟ ଶ୍ରୀଲଙ୍କା ସଂସଦକୁ ଭଙ୍ଗ କରିଛନ୍ତି ।

## ୟୁପି-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ହାର୍ଡୋଇ ଜିଲ୍ଲାର ରୋଶନପୁର ଠାରେ ଏକ ଟ୍ରକ୍ ଗୋଟିଏ ଅଟୋ ଗାଡ଼ିକୁ ଧକ୍କା ଦେବା ଫଳରେ ୬ ଜଣ ମହିଳା ଓ ୩ ଶିଶୁଙ୍କ ସମେତ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ଏତଦ୍‌ବ୍ୟତୀତ ଅନ୍ୟ କେତେଜଣ ଆହତ ହୋଇଛନ୍ତି ବୋଲି ହାର୍ଡୋଇର ପୁଲିସ୍ ଅଧିକ୍ଷକ ନିରଜ ଯାଦଉଁ କହିଛନ୍ତି । ସେ କହିଛନ୍ତି, ଏହି ଟ୍ରକ୍ ଓ ଅଟୋ ମଧ୍ୟରେ ଧକ୍କା ହେବା ଫଳରେ ଯାତ୍ରୀମାନଙ୍କର ମୃତ୍ୟୁ ହୋଇଛି । ତେବେ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସ୍.ପି. କହିଛନ୍ତି ।

ଏହି ସଡ଼କ ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏଥିସହିତ ଶ୍ରୀ ମୋଦୀ ମୃତକମାନଙ୍କ ପରିବାରବର୍ଗଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କର ଚିକିତ୍ସା ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି

ଘୋଷଣା କରିଛନ୍ତି । ଏହି ଅର୍ଥ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ପ୍ରଦାନ କରାଯିବ । ଏଥିସହିତ ପ୍ରଧାନମନ୍ତ୍ରୀ ଆହତମାନଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି ।

ସେହିଭଳି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ଆହତମାନଙ୍କର ଚିକିତ୍ସା ଦିଗରେ ସବୁ ପ୍ରକାର ସହାୟତା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଇଏଫ୍ଏଫ୍ଆଇ-ଗୋଆ

ଭାରତର ୫୫ ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆସନ୍ତା ୨୦ ତାରିଖରୁ ଗୋଆରେ ଆରମ୍ଭ ହେବ । ଏହି ମହୋତ୍ସବ ସହିତ ଫିଲ୍ମ ବାଜାରର ଅଷ୍ଟାଦଶତମ ସଂସ୍କରଣ ମଧ୍ୟ ଅନୁଷ୍ଠିତ ହେବ, ଯାହାକି ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ମୋଟ୍ ୨୦୮ଟି ଚଳଚ୍ଚିତ୍ର ଫିଲ୍ମ ବାଜାରର ଏହି ସଂସ୍କରଣରେ ପ୍ରଦର୍ଶିତ ହେବ ।